# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 19 October – 2025

*********************************

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳରେ ସରକାରୀ ଜନସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ପଂଚାୟତଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ମୁଖ୍ୟମନ୍ତ୍ରୀ

— ୪୮ ହଜାରରୁ ଅଧିକ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କଲେ ଆର୍ଥିକ ସହାୟତା

- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାନୁସାରେ, ପୁଲିସ୍ ପ୍ରଶାସନ ପକ୍ଷରୁ ସବୁଜ ବାଣ ବିକ୍ରି ଏବଂ ଦୁଇ ଘଣ୍ଟା ପାଇଁ ବାଣଫୁଟା ନେଇ ପଦକ୍ଷେପ

- ପୁରୀ ଶ୍ରୀକ୍ଷେତ୍ରରେ ଦୀପାବଳି ଓ ପୟା ଶ୍ରାଦ୍ଧ ନେଇ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା

## ଅନ୍ତ୍ୟୋଦୟ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଅନ୍ତ୍ୟୋଦୟ ଗୃହ ଯୋଜନା ତୃତୀୟ ପର୍ଯ୍ୟାୟର ହିତାଧିକାରୀ ଏବଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪୮ ହଜାର ୬୯୩ ଜଣ ହିତାଧିକାରୀଙ୍କୁ ଘର ତିଆରି ପାଇଁ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ ସହିତ ୪୭୧ଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କର ସମ୍ବୋଧନରେ କହିଛନ୍ତି,

**- V/O –**

## ଦୀପାବଳୀ ନିର୍ଦ୍ଦେଶନାମା

ଦୀପାବଳୀରେ ବାଣ ଫୁଟାଇବାକୁ ନେଇ କମିଶନରେଟ ପୁଲିସ ପକ୍ଷରୁ ନିର୍ଦ୍ଦେଶାନାମା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଦୀପାବଳି ଦିନ ଆସନ୍ତାକାଲି କଟକରେ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ପାଇଁ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି ବୋଲି କଟକ ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କଟକର ବିଭିନ୍ନ ପୂଜାମଣ୍ଡପ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ୍ ମୁତୟନ କରାଯିବ

ବୋଲି ଶ୍ରୀ ଖିଲାରୀ କହିଛନ୍ତି। ପୂର୍ବରୁ ଭୁବନେଶ୍ୱରରେ ମଧ୍ୟ ଅନୁରୂପ ଭାବେ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଥିଲେ। ପୁଲିସ ପକ୍ଷରୁ ପଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ବେଆଇନ ବାଣ ବିକ୍ରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ୍ ପୁଲିସ୍ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି।

**ଗଞ୍ଜାମ** ଜିଲ୍ଲାରେ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶନାମା ଅନୁସାରେ, ସନ୍ଧ୍ୟା ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି ବୋଲି ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର କହିଛନ୍ତି।

**ପୁରୀ** ସହରରେ ମଧ୍ୟ ଅନୁରୂପ ନିର୍ଦ୍ଦେଶନାମା ଜାରି କରାଯାଇଛି।

## ଉପନିର୍ବାଚନ

**ନୂଆପଡ଼ା** ବିଧାନସଭା ଉପନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡ଼ି ଏବଂ କଂଗ୍ରେସ ପକ୍ଷରୁ ରୋଡ୍ ସୋ' କରାଯାଉଛି। ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ଦେବାକୁ ମତଦାତାମାନଙ୍କୁ ଆକୃଷ୍ଟ କରିବା ପାଇଁ ରଣକୌଶଳମାନ ପ୍ରଦର୍ଶନ କରୁଛନ୍ତି। ବିଜୁ ଜନତାଦଳର ପ୍ରାର୍ଥୀ ସ୍ନେହାଁଙ୍ଗିନୀ ଛୁରିଆ ନୂଆପଡ଼ାରେ ରୋଡ ସୋ' କରିଛନ୍ତି। ଶ୍ରୀମତୀ ଛୁରିଆ ଆସନ୍ତାକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ  ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି କୁହାଯାଇଛି।

## ପୟା ଶ୍ରାଦ୍ଧ

**ପୁରୀ** ଶ୍ରୀକ୍ଷେତ୍ରରେ ପବିତ୍ର ଦୀପାବଳି ତଥା ପୟା ଶ୍ରାଦ୍ଧ ଅବସରରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହ ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଜଣ ଡିଏସ୍‌ପି, ୧୪ ଜଣ ଇନସ୍‌ପେକ୍ଟର ପାହ୍ୟାର ଅଧିକାରୀ ମୁତୟନ ହେବେ। ସିଂହଦ୍ୱାର ନିକଟରେ ଶ୍ରଦ୍ଧାଳୁମାନେ କାଉଁରିଆକାଠି ଜାଳି ବଡ଼ବଡ଼ିଆ ଡାକିବା ପାଇଁ ୪ଟି ସ୍ଥାନ ନିରୂପଣ କରାଯାଇଛି। ଆସନ୍ତାକାଲି ଏବଂ ମଙ୍ଗଳବାର ଦୁଇଦିନ ପାଇଁ ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁରୀ ସହରରେ ଟ୍ରାଫିକ୍ କଟକଣା ଲାଗୁ ହୋଇଥିବା ନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ପ୍ରଦର୍ଶନୀ

**ନବରଙ୍ଗପୁର** ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳ କେନ୍ଦ୍ର ପରିସରରେ ଅତ୍ୟାଧୁନିକ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ରାଜ୍ୟରେ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଧନଜୀବନ ସୁରକ୍ଷା କରିବାକୁ ଏହି ଅତ୍ୟାଧୁନିକ ଉପକରଣ ସରଞ୍ଜାମଗୁଡ଼ିକର ଉପଯୋଗ କରାଯାଇଥାଏ। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ରପ୍ତାନୀ ସୁଯୋଗ

ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି । ଏହାର ସଦୁପଯୋଗ କରିବାକୁ ଉଦ୍ୟୋଗୀମାନେ ଆଗେଇ ଆସିବା ଉଚିତ ବୋଲି ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର କହିଛନ୍ତି । ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ନୂଆପଲ୍ଲୀସ୍ଥିତ ରପ୍ତାନୀ ଭବନ ସମ୍ମିଳନୀ କକ୍ଷରେ ସରକାରୀ ଅଧିକାରୀଙ୍କ ପାଇଁ ଆୟୋଜିତ ଯୋଜନା ସମ୍ବନ୍ଧୀୟ ଦକ୍ଷତା ବିକାଶ କର୍ମଶାଳାରେ ଯୋଗଦେଇ ଶ୍ରୀ ମିଶ୍ର ଏହା କହିଛନ୍ତି । ଏମ୍.ଏସ୍.ଏମ୍.ଇ. କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବାପାଇଁ ଏହି କର୍ମଶାଳାରେ ଆଲୋଚନା ହୋଇଛି ।

## ନିଃଶୁଳ୍କ ପୁସ୍ତକ ପ୍ରଦାନ

ଚଳିତ ବର୍ଷ ବାଲିଯାତ୍ରା ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟର ବ୍ୟାପକ ପ୍ରଚାର ଓ ପ୍ରସାର ଲକ୍ଷ୍ୟ ନେଇ ପାଠକଙ୍କୁ ନିଃଶୁଳ୍କ ପୁସ୍ତକ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ପ୍ରକ୍ରିୟାରେ ସାମିଲ୍ ହେବାକୁ ଚାହୁଁଥିବା ଆଗ୍ରହୀ ବ୍ୟକ୍ତି ଏବଂ ଅନୁଷ୍ଠାନ ଦାନ ଆକାରରେ ପୁସ୍ତକ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମହାନଗର ନିଗମ, ନେତାଜୀ ବସ୍ ଟର୍ମିନାଲ୍ ଏବଂ ବାରବାଟୀ ପ୍ୟାଲେସ୍ ପରିସରରେ ଆସନ୍ତାକାଲିଠାରୁ କାର୍ତ୍ତିକ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପୁସ୍ତକ ଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ଶିବିର ଖୋଲାଯିବ । ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହି ଶିବିରରେ ପୁସ୍ତକ ଦାନ ଆକାରରେ ପ୍ରଦାନ କରିପାରିବେ ।

## ଜି.ଏସ୍.ଟି. ସଂସ୍କାର

ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାରଦ୍ୱାରା ଦେଶବ୍ୟାପୀ ବାଣିଜ୍ୟ କାରବାର ବୃଦ୍ଧି ପାଇଛି । ଚଳିତ ବର୍ଷର ନବରାତ୍ରୀ ଉତ୍ସବ ଗତ କିଛିବର୍ଷ ମଧ୍ୟରେ ସବୁଠାରୁ କ୍ରୟ ଉତ୍ସବ ଭାବରେ ପରିଗଣିତ ହୋଇଛି । ମୁଦ୍ରାସ୍ଫୀତି ଗତ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିବା ବାଣିଜ୍ୟ କାରବାର ବୃଦ୍ଧି ଦର୍ଶାଉଛି । ଡିଜିଟାଲ୍ ଆର୍ଥିକ କାରବାର ଇତିମଧ୍ୟରେ ୧୦ ଗୁଣ ବୃଦ୍ଧି ପାଇଥିବା ଜଣାପଡ଼ିଛି ।

## ଖେଳ ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଓସଓ୍ୱାନ୍ ହଲ୍‌ରେ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଭି.କିର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂସଦୀୟ କ୍ଷେତ୍ର ବ୍ରହ୍ମପୁର, ଆସିକା ଓ କନ୍ଧମାଳ ଅଂଚଳରେ ଏହି ଖେଳ ମହୋତ୍ସବ ଅନୁଷ୍ଠିତ ହେବ। ଦେଶର ଯୁବବର୍ଗଙ୍କ ମଧ୍ୟରେ କ୍ରୀଡାର ଭୂମିକା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିରେ ଏହି ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହି ଖେଳ ମହୋତ୍ସବଗୁଡ଼ିକ କିପରି ସଠିକ ଭାବେ ପରିଚାଳନା କରାଯିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପ୍ରମୁଖ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ପୁଲିସ୍ ପକ୍ଷରୁ ଧାମନଗର ଥାନା ପରିସରରେ ସାଇବର ଅପରାଧ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ ସାଇବର ଅପରାଧକୁ ରୋକିବା ପାଇଁ ଆସନ୍ତା ୧ ମାସ ଧରି ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ଥାନାରେ ଅନୁଷ୍ଠିତ ହେବ ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

## ସ୍ତନକର୍କଟ ଦିବସ

ସ୍ତନ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଚଳିତମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ବିଶ୍ୱ ସ୍ତନକର୍କଟ ଦିବସ ପାଳନ କରାଯାଉଛି । ପ୍ରତି ବର୍ଷ ପ୍ରାୟ ୨୩ ଲକ୍ଷ ନୂଆ ସ୍ତନକର୍କଟ ରୋଗୀ ଆକ୍ରାନ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର କର୍କଟ ରୋଗ ମଧ୍ୟରେ ପ୍ରତି ୮ ଜଣଙ୍କ ଭିତରେ ଜଣେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ଏକ ଆକଳନରୁ ଜଣାପଡ଼ିଛି । ତଥ୍ୟ ଅନୁସାରେ, ଭାରତରେ  ପ୍ରାୟ ୧ ଲକ୍ଷ ମହିଳା ବାର୍ଷିକ ସ୍ତନ କର୍କଟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି। ଚଳିତ ବର୍ଷର ବିଷୟବସ୍ତୁ ରହିଛି "ପ୍ରତ୍ୟେକ କାହାଣୀ ଅନନ୍ୟ ଏବଂ ଯାତ୍ରା ଗୁରୁତ୍ୱପୂର୍ଣ୍ଣ : ମିଳିତ ଭାବେ ଆମେ ଲଢ଼ିବା ଏବଂ ଏହାକୁ ପ୍ରତିହତ କରିବା ।" ସ୍ତନକର୍କଟ ସମ୍ପର୍କିତ ସୂଚନାର ଆଦାନପ୍ରଦାନ ବୃଦ୍ଧି କରିବା ଓ ସ୍ତନକର୍କଟ ନିୟନ୍ତ୍ରଣ ପାଇଁ ସହଯୋଗ ଓ ସହଭାଗିତାକୁ ଦୃଢ଼ କରିପାରିଲେ ଏହି ରୋଗକୁ ପ୍ରତିହତ କରିବାରେ ସଫଳତା ମିଳିପାରିବ।

## ହକି ଶୁଭେଚ୍ଛା

୨୦୨୫ ସୁଲତାନ୍ ଅଫ୍ ଜୋହର କପ୍ ହକି ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ହକି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଭାରତୀୟ ହକି ଦଳ ଆହୁରି ଉନ୍ନତ ମାନର କ୍ରୀଡା ପ୍ରଦର୍ଶନ କରିବ।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗୁରୁବାର ବେଳକୁ ଏହା ଅବପାତର ରୂପ ନେବ। ଆମେରୀକୀୟ ପାଣିପାଗ ସଂସ୍ଥାର ଆକଳନ ଅନୁସାରେ, ଅବପାତ' ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି। ହେଲେ, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। କଟକ ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଆଦି ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।